# Akashvani, Sambalpur

## SAMBALPURI NEWS BULLETIN

### 6 May 2025- 6.47- 6.52 am.

*************************************************

ଆଇନ୍‌ମନ୍ତ୍ରୀ-ପୁରୀ ଶ୍ରୀମନ୍ଦିର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର ସବୁଦିନିଆ ନୀତିକାନ୍ତି ସଙ୍ଗେ ନିଯୋଗ୍ ମାନ୍‌କର୍ ଆଚରଣ ଆଉ ଉଚ୍ଚାରଣକେ ନେଇକରି ଖୋବ୍ ଜଲ୍‌ଦି ମାର୍ଗଦର୍ଶିକା ଅନାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଦିଘା ଜଗନ୍ନାଥ୍ ମନ୍ଦିର୍ ଘଟ୍‌ନାକେ ନେଇକରି ଗଲାକାଏଲ୍ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସର୍‌କାର୍‌ଙ୍କୁ ରିପୋର୍ଟ ଦାଖଲ୍ କରାଯିବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ପୁରୀ ଶ୍ରୀମନ୍ଦିର୍‌ର ସେବାୟତ୍‌ମାନେ କେନ୍‌ସି ଜାଗାକେ ଯାଇକରି ପୂଜା କର୍‌ବାର୍ ବିଧି ନାଇଁନ । ଇତାର୍‌ସହେତେ ଜଗନ୍ନାଥଙ୍କର୍ ନୀତିକାନ୍ତି ବାବ୍‌ଦେ କାଣା ସବୁ କରିପାର୍‌ବେ ଆଉ କାଣା ନାଇଁ ପାରନ୍ ସେ ବାବ୍‌ଦେ ମାର୍ଗଦର୍ଶିକା ଅନାଯିବା । ସେନ୍ତା ପୁରୀ ଛଡ଼ା କେନ୍‌ସି ଜାଗା ନ ଧାମ୍ କି ଜଗନ୍ନାଥ୍ ଧାମ ଶବ୍ଦର୍ ବେଭାର୍ କରାଯାଇନାଇଁପାରେ ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ରଙ୍ଗବତୀ ଉତ୍ସବ୍ I&PR

ରଙ୍ଗବତୀ ଖାଲି ଗୁଟେ ଗୀତ୍ ନୁହେଁ ଇଟା ଓଡ଼ିଆ ମାଟିର୍ ସ୍ପନ୍ଦନ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ସଂସ୍କୃତି ବିଭାଗ୍ ତର୍ଫୁ କେନ୍ଦୁଝର୍ ଜିଲ୍ଲା ନ ହେଇଥିବା ରଙ୍ଗବତୀ ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇଟା କହିଛନ୍ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଜିଲ୍ଲା ନ ଧରଣୀଧର ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ନ ଅନ୍ତଃ ଚିକିତ୍ସା ସେବା ଆଉ ଟ୍ରମା କେୟାର୍ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ସେନ୍ତା କେନ୍ଦୁଝର୍ ଟାଉନ୍ ଥାନା କୋଠା ଆଉ ରିଜର୍ଭ ପୁଲିସ୍ ଅଫିସ୍ ଉଦ୍‌ଘାଟନ୍ କରିଛନ୍ ।

ଅମିତ୍ ଶାହା- ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏବା ୧୦ ତାରିଖ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆର୍ ଶିଲାନ୍ୟାସ୍ କର୍‌ବେ । ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାନେ ଗୁଟେ ସାଧାରଣ୍‌ସଭାକେ ଉଦ୍‌ବୋଧନ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଭୀମ୍‌ସାର୍ ସୁପର୍‌ସ୍ପେଶାଲିଟି ହସ୍ପିଟାଲ୍ ଆର୍ ଦୁର୍ଗାପାଲି ରେଲ୍ ଓଭର୍‌ବ୍ରିଜ୍‌କେ ଶ୍ରୀ ଶାହା ଉଦ୍‌ଘାଟନ୍ କର୍‌ବେ । ଇଥିର୍‌ଲାଗି ପ୍ରଶାସନିକ୍ ସ୍ତର୍‌ଥି ସବୁ ପ୍ରସ୍ତୁତି

ସରିଥିବାର୍ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ସୂଚ୍‌ନା ଦେଇଛନ୍ ।

ପୁରୀ ବିମାନ୍ ବନ୍ଦର-ଅନୁମୋଦନ୍        ପି.ଆଇ.ବି.

ପୁରୀ ବିମାନ୍ ବନ୍ଦର୍‌କେ କେନ୍ଦ୍ର ସର୍‌କାର୍ ମଞ୍ଜୁରୀ ଦେଇଛନ୍ । କେନ୍ଦ୍ର ବେସାମରିକ୍ ବିମାନ୍ ଚଲାଚଲ୍ ମନ୍ତ୍ରୀ ରାମ୍‌ମୋହନ୍ ନାଇଡୁ କିଞ୍ଜର୍‌ପୁ ଇଥିର୍‌ଲାଗି ଗଲାକାଏଲ୍ ନୀତିଗତ ଅନୁମୋଦନ୍ ଦେଇଛନ୍ । ଦେଶ୍ ଆଉ ବିଦେଶ୍‌ନୁ ଲାଖ୍ ଲାଖ୍ ଭକ୍ତ ଆଉ ପର୍ଯ୍ୟଟକ୍ ପୁରୀକେ ଆସୁଛନ୍ । ଇତାକେ ନଜର୍‌ଥି ରଖିକରି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ପ୍ରସ୍ତାବିତ୍ ପୁରୀ ଗ୍ରୀନ୍ ଫିଲ୍ଡ ବିମାନ୍ ବନ୍ଦର୍‌କେ ଅନୁମୋଦନ୍ ଦିଆଯାଇଛେ ।

ରାଜସ୍ୱ ମନ୍ତ୍ରୀ- ରାଜସ୍ୱ ଗାଁ               ଆର୍‌ଏନ୍‌ୟୁ/ ସମ୍ବଲପୁର

ଯେନ୍ ପଡ଼ା ଗାଁ ନ ୨ ଶହ ୫୦ ନୁ ଅଏତ୍‌କା ଲୋକ୍ ଥିବେ ତାକେ ରାଜସ୍ୱ ଗାଁର୍ ମାଏନ୍‌ତା ମିଲ୍‌ବା, ହେଲେ ସେଟା ମୁଲ୍ ଗାଁନୁ ୫ ଶହ ମିଟର୍ ଦୂରିଆଥି ଥିବାର୍ ଦର୍‌କାର୍  ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ଜୁଲାଇ ମାସେ ଇତାର୍ ଜନଗଣନା ହେବା ଆଉ ଇତାର୍ ଆଘୋନୁ ପଡ଼ାଗାଁକେ ରାଜସ୍ୱ ଗାଁ ହେବାର୍ ଲାଗି

ଆସିଥିବା ଆବେଦନ୍‌ମାନ୍‌କୁ ମଞ୍ଜୁର୍ କର୍‌ବାର୍‌କେ ଚେରେଷ୍ଟା କରାଯିବା ।

ମେଟ୍ରିକ୍ ସାର୍ଟିଫିକେଟ                ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛ୍‌ରର୍ ମେଟ୍ରିକ୍ ସାର୍ଟିଫିକେଟ୍ ମାଧମିକ ଶିକ୍ଷା ପରିଷଦ୍ ୱେବ୍‌ସାଇଟ୍‌ଥି ଗଲାକାଏଲ୍ ବେଲ୍‌ବୁଡ୍ଡୁ ମିଲୁଛେ । ପରୀକ୍ଷାର୍ଥୀମାନେ ୱାଟ୍‌ସ୍‌ଆପ୍ ଜରିଏ ଡିଜିଟାଲ୍ ସାର୍ଟିଫିକେଟ୍ ସିଧାସଲଖ୍ ପାଇପାର୍‌ବେ ବଲି ବୋର୍ଡ଼୍ ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି ୱାଟ୍‌ସ୍‌ଆପ୍ ନମ୍ବର୍ ୭୭-୧୦୦୫-୮୧୯୨ ଜାରି କରାଯାଇଛେ । ୭ ଦିନ୍ ଭିତ୍‌ରେ ଡିଜିଟାଲ୍ ସାର୍ଟିଫିକେଟ୍ ୱେବ୍‌ସାଇଟ୍‌ନୁ ମାହାଲିଆ ଡାଉନ୍‌ଲୋଡ଼୍ କରିପାର୍‌ବେ ବଲି ବୋର୍ଡ଼୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନୁଗର୍ଗ- ବଏଢ଼୍ ପ୍ରସ୍ତୁତି ସମୀକ୍ଷା          I&PR

ଉନ୍ନୟନ କମିଶନର୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ୨୦୨୫ ବନ୍ୟା ଋତୁକେ ନେଇକରି ପହେଲା ସମୀକ୍ଷା ବୈଠକ୍ ହେଇଯାଇଛେ । ବର୍ଷା ମାସ୍ ଆଘୋନୁ ନଏଦ୍ ବନ୍ଧାମାନ୍‌କର୍ ଯାଂଚ୍, ମକ୍ ଡ୍ରିଲ୍, ଡ୍ରେନ୍ ମାନ୍‌କର୍ ସଫେଇ

କରାଯାଇକରି ବଏଢ଼୍ର ମୁକାବିଲା ଲାଗି ସବୁ ସ୍ତର୍‌ଥି ବର୍‌କସ୍ ସମନ୍ୱୟ ରଖ୍‌ବାର୍ ଲାଗି ବୈଠକ୍‌ଥି ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀ ଆର୍ ଯନ୍ତ୍ରମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପୁରୀରଥଯାତ୍ରା-ରେଢ଼ାଖୋଲ୍ କାଠ  ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବନଖଣ୍ଡନୁ ରଥ କାଠ ଯାଇଛେ । ଚାର୍‌ମାଲ୍ ବନାଂଚଲ୍ ବଂଶାଜାଲ୍ ସେକ୍ସନ୍‌ର ସିଆରିପାଣି ସଂରକ୍ଷିତ୍ ଜଙ୍ଗଲ୍‌ନୁ ୪୧ ଖଁଡ଼୍ ଧଉରାକାଠ୍ ପୁରୀକେ ପଠାଯାଇଛେ ।

ବିଶ୍ୱ ଆଜ୍‌ମା ଦିବସ               ଆର୍‌ଏନ୍‌ୟୁ /  ସମ୍ବଲପୁର

ଆଏଜ୍ ବିଶ୍ୱ ଆଜ୍‌ମା ଦିବସ୍ । ପୁର୍‌ଥି ନ ଫି ବଛର୍ ମେ ମାସର୍ ପହେଲା ମଙ୍ଗଲ୍‌ବାର୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ଗ୍ଲୋବାଲ୍ ଇନିସିଏଟିଭ୍ ଫର୍ ଆଜ୍‌ମା- ଜି.ଆଇ.ଏନ୍.ଏ. ତର୍‌ଫୁ ୧୯୯୮ ମସିହାଥି ପହେଲାଥର୍ ଲାଗି ବିଶ୍ୱ ଆଜ୍‌ମା ଦିବସ୍ ପାଲନ୍ ହେଇଥିଲା । ଇ ରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ସହେତେ ପ୍ରତିକାର୍ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଏସି ।

ପ୍ରଦୂଷଣ ଆଉ ଅବ୍ୟବସ୍ଥିତ୍ ଜୀବନ୍‌ଶୈଲୀ ଶ୍ୱାସ ରୋଗ୍ ବଢ଼୍‌ବାର୍ କାରଣ୍ ଆଏ ବଲି ଜନାପଡ଼ିଛେ । 'ସମ୍‌କର୍ ଲାଗି ଶ୍ୱାସ ଉପଚାର୍ ଉପଲବ୍ଧ କର୍‌ବାର୍‌ଟା' ଇ ବଛ୍‌ରର୍ ବାର୍ତା ରଖାଯାଇଛେ ।

ସମଲେଇ ମନ୍ଦିର-ଭିସୁଟ୍ ଟିମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍‌ର ଗର୍ଭଗୃହର୍ କୁହୁଲା ବାହାର୍ କର୍‌ବାର୍ ବ୍ୟବସ୍ଥା କର୍‌ବାର୍ ଲାଗି ଗଲାକାଏଲ୍ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ - ଭିସୁଟ୍‌ର ଗୁଟେ ବିଶେଷଜ୍ଞ ଦଲ୍ ମନ୍ଦିରର୍ ଗର୍ଭଗୃହ ଯାଂଚ୍ କରିଛନ୍ । ଭିସୁଟ୍ କୁଲପତି ପ୍ରଫେସର୍ ଦୀପକ୍ କୁମାର୍ ସାହୁଙ୍କର୍ ନେତୃତ୍ୱଥି ଆସିଥିବା ବିଶେଷଜ୍ଞ ଦଲ୍ ଗର୍ଭଗୃହର୍ ବୈଷୟିକ ମପାଜୁଖା ସହେତେ ଭିନ୍ ଭିନ୍ ପରାମର୍ଶ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ଆଉ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ୍‌କେ ଦେବାର୍‌କେ ପ୍ରତିଶ୍ରୁତି ଦେଇଛନ୍ ।

ପ୍ରବାସୀ ଶ୍ରମିକ୍ ନିରାକରଣ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ବ୍ଲକ୍ କାଦୋମେରି ପଂଚାୟତ୍ ନ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ସଭାପତିତ୍ୱଥି ପ୍ରବାସୀ ଶ୍ରମିକ୍ ନିରାକରଣ୍ ଲାଗି ଗୁଟେ ସଚେତନତା ସଭା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ

ଅଧିକାରୀ ଆର୍ ଜନପ୍ରତିନିଧିମାନେ ଯୋଗ୍ ଦେଇକରି ସର୍କାର୍ଙ୍କର୍ ଜନକଲ୍ୟାଣ୍କାରୀ ଯୋଜ୍ନା ମାନ୍କର୍ ବାବ୍ଦେ ବୁଝେଇଥିଲେ । ନିଜର୍ ଗାଁ ନ କାମ୍ କରିକରି ଆତ୍ମନିର୍ଭରଶୀଲ୍ ହେବାର୍କେ ପରାମର୍ଶ ଦେଇଥିଲେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ନ ଆଏବା ୨୪ ଘଂଟା ଭିତ୍ରେ ଘଡ଼୍ଘଡ଼ି ସାଙ୍ଗେ ହାଲ୍କାନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ପୂର୍ବାନୁମାନ୍ କରାଯାଇଛେ । କଲାହାଣ୍ଡି , ଦେବ୍ଗଡ଼୍, ସୁନ୍ଦର୍ଗଡ଼୍ ସହେତେ ରାଜ୍ୟର୍ ୨୩ ଟା ଜିଲ୍ଲାକେ ଜବର୍ ଧୁକାଗର୍ଡ଼ି ଆଉ ବର୍ଷାକେ ନେଇକରି ସତର୍କ ସୂଚ୍ନା ଜାରି କରାଯାଇଛେ ।